BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan- Feb 2025
Refereed Peer-Reviewed Journal

# ଆଧୁନିକ ଓଡ଼ିଆ କବିତାରେ ମୁଁତ୍ୱ ଭାବ

**ଡ. ସୁଶ୍ରୀ ସଙ୍ଗୀତା ସ୍ୱାଇଁ**
ଅଧ୍ୟାପିକା, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

BM2025/01-A001
RECEIVED : 10 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025
ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ଡ. ରବୀନ୍ଦ୍ର କୁମାର ଦାସ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

DOI: 10.70541/BAGEESHA/2025030101

Article No. BM2025/01-A001
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ଆଧୁନିକ ଓଡ଼ିଆ କବିତା ବିଭିନ୍ନ ଭାବ ପ୍ରସ୍ଥକୁ ଆତ୍ମସ୍ଥ କରି ଗତିଶୀଳ କବିତାର ଆତ୍ମିକ ଉପାଦାନ ଭାବରେ କେତେବେଳେ ସମୟ ସଚେତନତା, ମୃତ୍ୟୁ ଚେତନା, ବିଭୁଚେତନା, ଆଦି ସ୍ଥାନ ପାଉଥିବା ବେଳେ ଅନ୍ୟତମ ଶକ୍ତିଶାଳୀ ଭାବପକ୍ଷ ଭାବରେ ମୁଁତ୍ୱ ଭାବ ବା ଆତ୍ମକେନ୍ଦ୍ରିକ (Self-centered) ଭାବ ସ୍ଥାନିତ ହୋଇ କବିତାର ଶ୍ରୀ ବୃଦ୍ଧିରେ ସହାୟକ ହୋଇଛି। ସ୍ୱପ୍ନ, ହତାଶା, ବ୍ୟର୍ଥତା, ନିଃସଙ୍ଗତା, ରୁକ୍ଷ ବାସ୍ତବତା, ଆଧ୍ୟାତ୍ମିକ ଜିଜ୍ଞାସା ଆଦି ଭାବକୁ କବି କାବ୍ୟ ନାୟକର ସହାୟତାରେ ମୁଁତ୍ୱର ପ୍ରତୀକାତ୍ମକ ଆବେଗ ସାହାଯ୍ୟରେ ପ୍ରକାଶ କରିଛି। ଉକ୍ତ ନିବନ୍ଧଟି ସେସବୁର ଏକ ପରିଚୟାତ୍ମକ ଉପସ୍ଥାପନା ମାତ୍ର।

**ମୂଳଶବ୍ଦ:** ମୁଁତ୍ୱ, ସମକାଳର କବିତା, ଓଡ଼ିଆ କବିତା, ଆତ୍ମ-ସ୍ୱୀକାରୋକ୍ତି, ଆତ୍ମ-ପ୍ରତ୍ୟୟ ଆତ୍ମ-ବିଭୋରତା, ବିରୋଧଭାସ, ଆତ୍ମ-ପ୍ରବଞ୍ଚନା, ଆତ୍ମ -ନିର୍ବାସନ

**ଉପକ୍ରମ:** କବିତା ସାହିତ୍ୟ ଆକାଶସ୍ଥ ନନ୍ଦନ କାନନର ପାରିଜାତ ପୁଷ୍ପ। ଏହା ଜୀବନର ସୌରଭ। କବିତା ଜୀବନ୍ତ, ପ୍ରାଣବନ୍ତ, ଚିରଜାଗ୍ରତ, ଅଜର, ଅମର, ଅକ୍ଷୟ, ଅବିନଶ୍ୱର। ମୁଁ ବ୍ୟକ୍ତି ବାଚକ ସର୍ବନାମର ପ୍ରଥମ ପୁରୁଷ ଏକବଚନ ଓ କର୍ତ୍ତା ରୂପ। କଳ୍ପନାରେ ନିର୍ଦ୍ଧାରିତ ମୁଁ ସାମାଜିକ ମୁଁରେ ପରିଣତ ହୋଇ ବ୍ୟକ୍ତି ନିଷ୍ଠ ରୂପକୁ ପ୍ରତିଷ୍ଠା କରେ। ଆଧୁନିକ ଓଡ଼ିଆ କବିତା ଆଧୁନିକ ଚିନ୍ତା ଚେତନାର ପ୍ରତିଫଳନ। ଆଧୁନିକ ଓଡ଼ିଆ କବିତାର ଭାବପକ୍ଷ ଭାବେ ମୁଁ ଭାବଟି କେତେବେଳେ ଏକ ଅହଂଦୃପ୍ତ ରୋମାଣ୍ଟିକ୍ ଚେତନାରେ ପରିଣତ ହୋଇଛି ପୁଣି ଅନ୍ୟ କେତେବେଳେ ମୁଁ ଏକ ରହସ୍ୟମୟୀ ଆଧ୍ୟାତ୍ମିକତାର ସୂଚନା ଦେଇଛି। ଆଧୁନିକ କବିର ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଅସ୍ତିତ୍ୱଟି ନୂତନ ଯନ୍ତ୍ରଣା ଓ ବିଚ୍ଛିନ୍ନତାର ସମ୍ମୁଖୀନ ହୋଇଛି। ବର୍ତ୍ତମାନ କବି ଆତ୍ମବିଶ୍ୱାସର ପୁନଃ ସଚେତନୀକରଣପାଇଁ କବିତାର ସ୍ୱରକୁ ଅସ୍ତିତ୍ୱ ନିର୍ଣ୍ଣାୟକ ପ୍ରେରଣା କରିଦେଇଛି। ଜୀବନ, ମୃତ୍ୟୁ, ପ୍ରଣୟ, ପ୍ରକୃତି, ଈଶ୍ୱର, ମଣିଷ ବ୍ୟବସ୍ଥା ପ୍ରତି ତା'ର ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀର ଚିତ୍ରଣର ମାଧ୍ୟମ ରୂପରେ ମୁଁତ୍ୱ ଭାବର ସାହାଯ୍ୟ ନେଇଛି।

**ବିଷୟର ଆଲୋଚନା:** କବିତା କବିର ଶ୍ରେଷ୍ଠତମ ଭାବର ସ୍ପଷ୍ଟତମ ପରିପ୍ରକାଶ, ସଂସ୍କୃତି ସୁରକ୍ଷାର ମହାମନ୍ତ୍ର, ପରିବର୍ତ୍ତନର ପବିତ୍ର ଶଙ୍ଖଧ୍ୱନି, ସର୍ବୋପରି କବିର ଅହଂମୁକ୍ତ ଅଭିବ୍ୟକ୍ତି ଜୀବନର ଦୁରନ୍ତ ଆହ୍ୱାନ। ଆଧୁନିକ ଓଡ଼ିଆ କବିତାରେ ମୁଁତ୍ୱ ଭାବଟି କେତେବେଳେ ଏକ ନୂତନ ପ୍ରହେଳିକା ସାଜିଛି ତ ପୁଣି ଅନ୍ୟ କେତେବେଳେ ରହସ୍ୟମୟ ଘନଘଟା ଭିତରେ ଏକୀଭୂତ ହେବାର ପ୍ରୟାସରତ ହୋଇଛି। ମୁଁ ଭାବଟି ଆଶା ଭରସାର ପ୍ରତୀକ।

ସାମ୍ପ୍ରତିକ ଓଡ଼ିଆ କବି କ୍ଳାନ୍ତି, ବୈରାଗ୍ୟ, ଅବସାଦ, ପାପବୋଧ, ନିର୍ଜନପଣର ଜୟଗାନ କରୁଛି। ତେଣୁ ରସ ଘନ ମୁହୂର୍ତ୍ତରେ ମୁଁ ଭାବ କେତେବେଳେ ଭାବରେ ଜୁବୁବୁଢୁ ହୋଇ ଯାଇଛି ତ କେତେବେଳେ ବିଭଙ୍ଗ ବ୍ୟକ୍ତିତ୍ୱର ବେଦନାବୋଧ ମଧ୍ୟରେ ହଜି ଯାଇଛି ନିରୁତାପଣରେ।

ଯୁଗାନୁଯାୟୀ ଆଲୋଚନା କଲେ ଜଣାଯାଏ ସବୁଜ ଯୁଗରେ ଅନ୍ନଦା ଶଙ୍କର ରାୟଙ୍କର କବିତାରେ ମୁଁର ଏକ

ଲୋହିତ ରୋମାଣ୍ଟିସିଜିମ ସ୍ୱର ଶୁଭେ। ସୃଜନ ମନସ୍କ କବି ସ୍ୱପ୍ନ ଲଭି ଛନ୍ତି ଶୋଭା ସୁଷମାର। ସର୍ବତ୍ର ଦେଖିଛନ୍ତି ଶାନ୍ତି ସଂପ୍ରୀତି ର ବାତାବରଣକୁ। "ନୁହେଁ ମୁଁ ଝଡ଼, ନୁହେଁ ମୁଁ ନିଆଁ/ ନୁହେଁ ମୁଁ ଶ୍ମଶାନ ଗୋ/ ଯେଉଁ ଦିଗେ ମୁଁ ଦେଖେଇ ଚାହିଁ/ ଶୋଭାର ଲବେ ଅଭାବ ନାହିଁ/ କେଉଁ ଅଭାବ ଲଭିବି?" (ସୃଜନ ସ୍ୱପ୍ନ, ଅନ୍ନଦା ଶଙ୍କର ରାୟ)

ସେହିପରି ସବୁଜ ଯୁଗର ଅନ୍ୟତମ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ  କବିତାରେ ଯୌବନର ଆଗମନ ଓ ତା'ର ଆହ୍ୱାନରେ ମୁଁ ଭାବ ରହିଛି। ଯୌବନ ର ଉଦ୍ଦାମତା କବି ମନରେ ଭରିଛି ଅଫୁରନ୍ତ ସାହସ, ସ୍ୱପ୍ନ, ସମ୍ଭାବନା। ସୁଦୂର ଆକର୍ଷଣର ମୋହରେ କବି ଆତ୍ମହରା ହୋଇ କାଳ୍ପନିକ ଜଗତକୁ ପଳାୟନର ସ୍ୱପ୍ନ ପୋଷଣ କରିଛନ୍ତି। "ମୁଁ ଗୋ ଆସିଛି ନବ ଯୌବନ/ ମୁଁ ଗୋ ମଧୁ ସହଚର ଆସିଛି ଭାସି/ ମୁଁ ଗୋ ମଧୁ ତୁଳେ ନିତି ହସଇ ରସଇ।" (ନବ ଯୌବନ, ବୈକୁଣ୍ଠ ନାଥ ପଟନାୟକ)

କବି ମଣିଷଟି ସଂସାର ବିମୁଖ ନୁହେଁ।  ଏଠି ସେ ପ୍ରେମରେ ପଡ଼େ, ଜୀବନ ଯୁଦ୍ଧରେ ଲଢ଼ି ଲଢ଼ି ଲହୁ ଲୁହାଣ ହୁଏ। ପ୍ରିୟତମାର ପ୍ରତାରଣା ସହେ, ଅନ୍ୟକୁ ସାନ୍ତ୍ୱନା ଦେବାକୁ ଯାଇ ନିଜପାଇଁ ସହାନୁଭୂତି ଯୋଗାଡ଼ କରିବାରେ ବିଫଳ ହୁଏ। ନିଜକୁ ଜୀବନ ସଂଗ୍ରାମରେ ପରାସ୍ତ ସୈନିକ ମନେକରେ। ଦୁଃଖକୁ ଯନ୍ତ୍ରଣାକୁ ବାରମ୍ବାର ସାମ୍ନା କରି କ୍ଲାନ୍ତ, ଅବସନ୍ନ କବି ତେଣୁ କହିଉଠିଛନ୍ତି - "ତେଣୁ ମୁଁ ତ ଭଗ୍ନଜାନୁ, ଖସିପଡ଼େ ମୋର ରାଇଫଲ/ ମୁଁ  ଯେମିତି ଡାଙ୍କି ହୋଇଯାଏ,/ ମୁଁ ଅବା କି ବାକ୍ୟଟିଏ ମୁଁ  କାହିଁକି ମୋତେ ଭୟ କରେ/ ମୁଁ କାହିଁକି ଡରେ ମୋ ପ୍ରେତରେ?" (ସ୍ୱଗତ, ସଚ୍ଚିଦାନନ୍ଦ ରାଉତ ରାୟ )।

ସେହିପରି ଗୁରୁପ୍ରସାଦ ମହାନ୍ତିଙ୍କ  କବିତାରେ କାବ୍ୟ ନାୟକର ଆତ୍ମସ୍ୱୀକାରୋକ୍ତି ପ୍ରାସଙ୍ଗିକ ପ୍ରତୀତ ହୁଏ। ଗୁରୁପ୍ରସାଦ ମହାନ୍ତିଙ୍କ କାବ୍ୟ ସ୍ୱର ଆଧ୍ୟାତ୍ମିକ ଚେତନା ସମ୍ବଳିତ। ଭକ୍ତି ଓ ଅହଂକାର ମଧ୍ୟରେ ଆଧ୍ୟାତ୍ମିକ ଚେତନାର ବିଜୟ ଘଟିଛି। ପୃଥିବୀରେ ଦୟା, କ୍ଷମା, ଓ କରୁଣାର ଦୟନୀୟ ସ୍ଥିତିକୁ କାବ୍ୟ ପୁରୁଷ ମର୍ମେ ମର୍ମେ ଅନୁଭବ କରିଛି। କାବ୍ୟ ପୁରୁଷ ଚାହିଁଛି ସାମାଜିକ ହତାଶ ବୋଧରୁ ମୁକ୍ତି। ତେଣୁ ଅକ୍ରୁର ଈଶ୍ୱରଙ୍କ ଆଶୀର୍ବାଦର ଛାଇ ତଳେ ନିଜ ଜୀବନର ସମସ୍ତ ଯାତନାକୁ ସମର୍ପି ଦେଇ ମୁକ୍ତି ପାଇବାକୁ ଇଚ୍ଛା କରିଛି। କ୍ଲାନ୍ତି ଓ ହତାଶା ରେ ସେ ଆତ୍ମ ଅବଶତା ଅନୁଭବ କରୁଛି। ଯଥା - "ମହାପ୍ରଭୁ ମୁକ୍ତି ଦିଅ, ଏହି ଯାତ୍ରା ଶୁଭ ହେଉ, ତୁମ୍ଭର ଦୟାରୁ, ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା। (ଅକ୍ରୁର ଉବାଚ, ଗୁରୁପ୍ରସାଦ ମହାନ୍ତି)

ରମାକାନ୍ତ ରଥଙ୍କ ଶ୍ରୀ ରାଧା କବିତାର ମୁଁ ପୁରୁଷ କୈନ୍ଦ୍ରିକ ସାମାଜିକ ଆଚରଣ ଭିତରେ ନାରୀ ସତ୍ତାର ସ୍ୱତନ୍ତ୍ର ଅଧିକାରକୁ ବ୍ୟକ୍ତ କରିଛି।ମୃତ୍ୟୁ ଓ ଜୀବନର ଊର୍ଦ୍ଧ୍ୱରେ କାବ୍ୟ ପୁରୁଷର ପ୍ରେମକୁ ଗ୍ରହଣ କରିନେବାର ମାନସିକତାକୁ ଲକ୍ଷ୍ୟ କରାଯାଇପାରେ - "ମୁଁ ସର୍ବଦା କାଙ୍ଗାଲୁଣୀ, ଅନ୍ତରୀକ୍ଷ ଯାଏ/ ମୁଁ ଉଦଗ୍ରୀବ ଶୂନ୍ୟସ୍ଥାନ ଟିଏ/ ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ/ ଖାଲି ଶୂନ୍ୟସ୍ଥାନ ହୋଇ ରହିଯିବା/ କାହା କପାଳ ରେ ଥାଏ?" (ଶ୍ରୀ ରାଧା, ରମାକାନ୍ତ ରଥ,)

ସେହିପରି ଅନ୍ୟତମ ପ୍ରଥିତଯଶା କବି ସୀତାକାନ୍ତ ମହାପାତ୍ରଙ୍କ କବିତାର ଅନ୍ତଃସ୍ୱର ମୃତ୍ୟୁ ଚେତନା।  କାବ୍ୟ ନାୟକ ଆଧୁନିକ ମଣିଷ ଯାହାର ସ୍ୱପ୍ନ ବାସ୍ତବତାର ରୁକ୍ଷ ପ୍ରହାରରେ ଚୂର୍ଣ୍ଣିଭୂତ। "ମୁଁ ଗଢ଼ିଛି ମୋର ସୁଖ ଭାଙ୍ଗି ରୁଜି ଦେବାଳୟ,/ ଅଟ୍ଟାଳିକା ମନ୍ଦିର, ମୁଁ ମାରିଛି ତଣ୍ଟି ଚିପି/ କାଢି ଆଣି ଅନ୍ତବୁଜୁଲାକୁ, ଟଙ୍କା ପାଇଁ,ସୁନା ପାଇଁ/ ପାଞ୍ଚ ଖଣ୍ଡ ପଡା ପାଇଁ, ପ୍ରଗଣା ଓ ତହସିଲ ପାଇଁ।" (ମାଟି ଓ ମଣିଷ, ସୀତାକାନ୍ତ ମହାପାତ୍ର )

ଜଗନ୍ନାଥ ଦାସଙ୍କ କବିତାରେ କାବ୍ୟ ନାୟକର ଯୌବନକୁ ଆତତାୟୀ ସମୟର ଆଢୁଆଳରେ ରଖିବାର ପ୍ରୟାସକୁ ଲକ୍ଷ୍ୟ କରାଯାଇପାରେ - "ମୁଁ  ବାନ୍ଧି ରଖିଥିଲି ମୋର ଯୌବନକୁ/ ମୋ ଦେହର କାଚ ଘର ଚାରି କାନ୍ଥରେ/ ମୋ ମନର ଚାରି ପାଖେ ମୋ ଚଞ୍ଚଳ ଜୀବନ ।" (ପ୍ରଥମ ପୁରୁଷ, ଜଗନ୍ନାଥ ଦାସ)

ପ୍ରତିଟି ଜୀବନରେ ଦୁଃଖ ହିଁ ମହାମେରୁ। ତଥାପି ଦୁଃଖ ଜୀବନର କଷଟିପଥର। ସେହି ଦୁଃଖ ଯନ୍ତ୍ରଣା ଭିତରୁ ମଧ୍ୟ କାବ୍ୟ ନାୟକ ନୂତନ ସମ୍ଭାବନାର ଉଜ୍ଜ୍ୱଳତାକୁ ଦେଖିବାରେ ପ୍ରାୟସରତ। ଲୋକ ଉପାଦାନକୁ ପାଥେୟ କରି କବି କାବ୍ୟିନାୟକର ମୁଖରେ କହି ଉଠନ୍ତି - "ମୁଁ ଜାଣେ ମୋର ମୃତ୍ୟୁ ହେବ ସର୍ପ ଦଂଶନରେ/ ଚଉଠି ରାତିରେ/ ମୁଁ ଜାଣେ ମୋର ଏକାନ୍ତ ଅଭିମାନଟି/ ଅମାବାସ୍ୟାର ସମୁଦ୍ରରେ ଭାସି ଚାଲିଯିବ।" (ହୃଦୟେଶ୍ୱରୀ, ସୌଭାଗ୍ୟ ମିଶ୍ର )

ଆଧୁନିକ ଓଡ଼ିଆ କବିତା ଜନ୍ମ ଲଗ୍ନ ହୋଇଛି ଆବେଗ ଓ ଯୁକ୍ତିର ସଂଘର୍ଷରୁ ତେଣୁ ବ୍ୟକ୍ତିକୈନ୍ଦ୍ରିକ ଜୀବନର ଉଦ୍ଦାମତାକୁ କବି ବ୍ୟକ୍ତ କରିଛି କବିତାରେ। ଜାନକୀ ବଲ୍ଲଭ ମହାନ୍ତିଙ୍କ ସମୟର ସେ ପାରି କବିତାରେ ମୁଁ'ତ୍ୱ ଭାବ ଏକ ନୂତନ ପ୍ରହେଳିକା ସାଜିଛି - "ମୁଁ କାନ୍ଦୁଛି, ମୁଁ ହସୁଛି, ବକୁଛି ଯଥେଚ୍ଛା/ ମୋ ଦୁଃଖରେ ମୁଁ ଅଛି, ମୋ ରାସ୍ତା ରେ/ ମୁଁ ଚାଲିଛି। ଖୋଜୁଛି, ଲୋଡୁଛି ମୁକ୍ତ ପବନ, ଖୋଲା ଆକାଶ "। (ସମୟର ସେପାରି, ଜାନକୀ ବଲ୍ଲଭ ମହାନ୍ତି )

ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ପୂତନା କବିତାରେ ନିଜ ଦର୍ପଣରେ ନିଜକୁ ଚିହ୍ନିଲାବେଳେ ପୂତନା ପ୍ରଥମ କରି ଉପଲବ୍ଧି କରିଛି ରୂପ ଗାରିମାର କଦାକାର ସ୍ୱରୂପକୁ ତେଣୁ ସେ କହି ଉଠିଛି  - "ମୁଁ ଗୋଟିଏ ଏମିତି ନାରୀ ଯିଏ/ ଢଳଢଳ ହେଉଥାଏ/ ତରଳ ପିଚୁ ପରି/ ମୋର କଣ ବା ଅଛି?/ ପୁରୁଣା ଇଟା ପରି ଦେହରେ ମୋର/ ଧୀରେ ଧୀରେ ଶିଉଳି ମାଡୁଚି"। (ପୂତନା, ସେନାପତି ପ୍ରଦ୍ୟୁମ୍ନ କେଶରୀ )

ଆଜିର କବି ଦୃଷ୍ଟିରେ ନାରୀର ବିଚିତ୍ର ଦିଗନ୍ତ ଉନ୍ମୋଚିତ। ସ୍ୱାଧୀନତା ପରବର୍ତ୍ତୀ ନାରୀ ଆଉ ରତି ପ୍ରତିମା ସାଜି ରହିନାହିଁ ବରଂ ସେ କ୍ଷତବିକ୍ଷତ ଯନ୍ତ୍ରଣା ଜର୍ଜରିତ ମାନବାତ୍ମାର ମୂର୍ତ୍ତି ରୂପ। ବେଳେବେଳେ ନାରୀ ନିଜର ସାମର୍ଥ୍ୟକୁ ଚିହ୍ନି ପାରେ ନାହିଁ। ପୁରୁଷ କୈନ୍ଦ୍ରିକ ସମାଜରେ ନିଜ ସ୍ଥିତିକୁ ଜାହିର କରିବାରେ

କୁଣ୍ଠା ପ୍ରକାଶ କରେ। ସେତିକି ବେଳେ କତିପୟ ନାରୀ କବି ଆଗେଇ ଆସନ୍ତି ସେହି ନାରୀମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନଇ ଦେବା ଉଦେଶ୍ୟରେ ସେହିପରି ଜଣେ ବାମାବାଦୀ କବି ଅପର୍ଣ୍ଣା ମହାନ୍ତି ନାରୀର ସାମର୍ଥ୍ୟକୁ ଦେଖାଇବାକୁ ଯାଇ ଲେଖିଛନ୍ତି। "ଦେଖ ମୁଁ ତୋତେ ଦେଇଥିଲି/ ଏ ସମ୍ପୂର୍ଣ୍ଣ ସମୟରୁ ସ୍ୱତନ୍ତ ଏକ ତିଥି/ ତୋର ବିଶୁଦ୍ଧ ନିଜତ୍ୱକୁ ଭରି, ମୁଁ ତୋତେ/ ଦେଇଥିଲି ପ୍ରତିଦାନର ପ୍ରତ୍ୟାଶା ନ ରଖି/ ମୁଁ ଖାଲି ଚିହ୍ନେଇ ଦେଇ ଥିଲି ତୋର ସାମର୍ଥ୍ୟକୁ"। (ଅସତୀ, ଅପର୍ଣ୍ଣା ମହାନ୍ତି )

ଅନ୍ୟତମ କବୀ ବ୍ରହ୍ମୋତ୍ରୀ ମହାନ୍ତି ନିଃସଙ୍ଗତା ଭିତରେ ନିଜକୁ ଆବିଷ୍କାର କରିଛନ୍ତି। କବୀଙ୍କ ଚେତନାର ଉତ୍ତରଣ ଘଟିଛି ଏବଂ ସେ ମୁକ୍ତି ଚାହିଁଛନ୍ତି ଶୂନ୍ୟତାରୁ, ରିକ୍ତତାରୁ - "ମୁଁ ଯେବେ ଏକାକୀ ଥାଏ, ସବୁ କିଛି ଖାଁ ଖାଁ ଲାଗେ/ ମୁଁ ନିଜକୁ ନିତି ନୂଆ ନୂଆ ରୂପରେ ଆବିଷ୍କାର କରେ/ ମୋ ସ୍ୱରୂପ ଦେହାତୀତ, ଶୂନ୍ୟତା ରୁ ଦେବା ପାଇଁ/ ମୁକ୍ତି ମୋତେ ସେମାନଂକୁ ଲୋଡ଼େ ମୋର ପାଶେ।" (ପ୍ରଦକ୍ଷିଣ, ବ୍ରହ୍ମୋତ୍ରୀ ମହାନ୍ତି )

ସେହିପରି 'ପ୍ରଥମ ପୁରୁଷ' କବିତାରେ ମୁଖ୍ୟ ଚରିତ୍ର ନାୟକ ପ୍ରତ୍ୟକ୍ଷ ଅନୁଭବ ମାଧ୍ୟମରେ କହୁଛି - ସମୟର କୌଣସି ପରିଚୟ ନାହିଁ, କୌଣସି ଅର୍ଥ ନାହିଁ ଓ ତାର ପ୍ରମୁଖ ସମସ୍ୟା ଏହା ଯେ କିପରି ଏହାର ନାମକରଣ କରାଯିବ। ପ୍ରେମରେ ବିତାଇଥିବା ପ୍ରତ୍ୟେକ କ୍ଷଣ ମୃତ୍ୟୁ ପରି ଭୟାନକ ଓ ମୁଁ ମୃତ୍ୟୁର ପ୍ରତି କ୍ଷଣରେ ବଞ୍ଚୁଛି।

ସମ୍ପ୍ରତି କବିତାରେ ଏହି ମୁଁତ୍ୱ ଭାବଟି ଆତ୍ମ ବିଶ୍ୱାସର ପ୍ରତୀକ ପାଲଟିଛି। କୃଷ୍ଣ କୁମାର ମହାନ୍ତିଙ୍କ ଶ୍ୟାମଳୀ ଦାସ କବିତାରୁ କାବ୍ୟ ନାୟିକାର ବଂଚିବାର ସଂଘର୍ଷ ଭିତରେ ନିଜର ଜୀବନ ଯନ୍ତ୍ରଣାର ସ୍ୱରକୁ ଅନୁଭବ କରିହୁଏ। "ମୁଁ ଶ୍ୟାମଳୀ ଦାସ, କୋମାରେ ଥିଲି/ ଥିଲି ନିରୁଦ୍ଦିଷ୍ଟା, ଆତ୍ମ ନିର୍ବାସନ ରେ ଥିଲି ନା ଥିଲି/ ମେଟାମରଫସିସ ରେ, ଆପଣ ମାନେ କହିପାରିବେ/ ମୁଁ ହେବି ଫୋଏନିକ୍ସ ନା ମୁଁ ହେବି ଫସିଲ। (ଶ୍ୟାମଳୀ ଦାସ, କୃଷ୍ଣ କୁମାର ମହାନ୍ତି )

**ଉପସଂହାର:** ଉପରୋକ୍ତ ଆଲୋଚନାରୁ ଜଣାଯାଏ ଜୀବନ ଜିଜ୍ଞାସାର ଅନ୍ତରଙ୍ଗ ଅଭିବ୍ୟକ୍ତି ତଥା ମାନବିକ ମୂଲ୍ୟବୋଧର ସୂଚନା ଏହି ସବୁ ଆଧୁନିକ କବି ମାନଙ୍କ କବିତାରେ ପରିଦୃଶ୍ୟମାନ। ଆହରଣ ଓ ଅନୁକରଣ ମାଧ୍ୟମରେ କବି ନିଜସ୍ୱତା ପ୍ରତିପାଦନ କରିଛି। ଆଧୁନିକ ଯୁଗ ମୁଖ୍ୟତଃ ଭାବ ସାନ୍ଦ୍ର ବ୍ୟକ୍ତିଧର୍ମୀ କବିତାର ଯୁଗ। କବି ତାର ଜୀବନର ବହୁ ଖଣ୍ଡିତ ମୁହୂର୍ତ୍ତକୁ କବିତାରେ ବାନ୍ଧିରଖିବାକୁ ଉଦ୍ୟମ କରିଛି। ଏହି ସବୁ କବି ମାନଙ୍କ କବିତାରେ (Dissociation of sensibility) ବା ଚେତନାର ବିଚ୍ଛେଦୀକରଣ ଦେଖିବାକୁ ମିଳିଛି। କବି ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡରେ ବଞ୍ଚେ। ତା' ଚାରି ପାଖରେ ହତାଶା, ବ୍ୟର୍ଥତା, ଚିରକାଳ ତାକୁ ଅଥୟ କରୁଥାଏ। ଏହି ବ୍ୟାକୁଳତାପଣକୁ କଳାତ୍ମକ ରୀତିରେ ରୂପ ଦିଏ କବିତାରେ। ତେଣୁ ଅତି ଚେତନ ଓ ଅବଚେତନ ସ୍ତର ଉନ୍ମୋଚନ କରିବା ପାଇଁ ଆଧୁନିକ କବି ମୁଁତ୍ୱ ଭାବର ସାହାଯ୍ୟ ନେଇଛି।

ସେହିପରି ସାମସମୟିକ ତରୁଣ କବିଙ୍କ କବିତାରେ ମୁଁତ୍ୱ ଭାବର ସ୍ୱର ବାରି ହୋଇପଡ଼େ। ବାସ୍ତବିକ ମୁଁ କେତେବେଳେ ଏହି କବିମାନଙ୍କ କବିତାରେ ପ୍ରଶ୍ନବାଚୀ ହୋଇ ସୃଷ୍ଟି ହୋଇଛି ତ ଅନ୍ୟ କେତେବେଳେ ସମାଧାନର ଫର୍ଦ୍ଦ ପାଲଟିଛି। ଏହି ମୁଁତ୍ୱ ଭାବନାଟି କେତେବେଳେ ଆତ୍ମ ବିଶ୍ୱାସକୁ ସୂଚିତ କରିଛି ତ ପୁଣି କେତେବେଳେ ଆତ୍ମଶ୍ଳାଘାର ଚିତ୍ର ବହନ କରିଛି। କବିଟିଏ ଶବ୍ଦମାନଙ୍କୁ ସଂଖୋଳି ନିଏ। ଅର୍ଥ ମାନଂକୁ ଆଲିଙ୍ଗନ କରାଇ ନିଏ। ଅତଏବ ଆଧୁନିକ ଓଡ଼ିଆ କବିତାରେ କବି ନିଜର ଅସହାୟତା, ଅସଫଳତା, ଅସ୍ତିତ୍ୱକୁ ସୂଚାଇ ଦେବାକୁ ଏହି ମୁଁତ୍ୱ ଭାବକୁ ପ୍ରତୀକ ଭାବରେ ବ୍ୟବହାର କରିଛି। ଆଧୁନିକ ଓଡ଼ିଆ କବିତାର ଭାବଦ୍ୟୋତକ ଆତ୍ମିକପକ୍ଷ ରୂପେ ମୁଁତ୍ୱ ଭାବଟି ଆଧୁନିକତାର ଯୁଗ ଧର୍ମ ଓ ଯୁଗଚେତନାର କଳାତ୍ମକ ଦିଗକୁ ପ୍ରକାଶ କରିବାରେ ସହାୟକ ହୋଇଛି। ତେଣୁ ଆଧୁନିକ କବିତାରେ ମୁଁ ଏକ ଭାଷା ତାତ୍ତ୍ୱିକ ସଂକେତ ଓ ଅନ୍ତର୍ନିହିତ ଭାବର ସମନ୍ୱିତ ରୂପ ଭାବରେ ପ୍ରୟୋଗ ହୋଇଛି।

## ସହାୟକ ଗ୍ରନ୍ଥସୂଚୀ:


୧. ମହାନ୍ତି, ଗୁରୁପ୍ରସାଦ। ୧୯୯୫। କବିତା ସମଗ୍ର। ଭୁବନେଶ୍ୱର: ଚତୁରଙ୍ଗ ପ୍ରକାଶନ।

୨. ଶତପଥୀ, ନିତ୍ୟାନନ୍ଦ। ୧୯୯୪। ସବୁଜରୁ ସାମ୍ପ୍ରତିକ। କଟକ: ଗ୍ରନ୍ଥମନ୍ଦିର।

୩. ସ୍ୱାଇଁ, ଦିଲୀପ କୁମାର। ୨୦୦୭। ନୂତନ କବିତାର ନକ୍ସା । କଟକ: ବିଜୟିନୀ ପ୍ରକାଶନ।

୪. ମହାରଣା, ସୌଭାଗ୍ୟବନ୍ତ। ୨୦୧୭। ସମକାଳୀନ ଓଡ଼ିଆ କବିତା। ଭୁବନେଶ୍ୱର: ଦିଶା ଓ ଦୃଷ୍ଟି ପବ୍ଲିସିଙ୍ଗ ହାଉସ।

୫. ମିଶ୍ର, ପ୍ରସନ୍ନ କୁମାର। ୧୯୯୮। ଷଷ୍ଠମହଲାର ସ୍ତ୍ରୀ ଲୋକ। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୬. ପାଢ଼ୀ, ବିଭୁପ୍ରସାଦ। ୨୦୧୦। ତେତିଶ ଓଡ଼ିଆ କବି। ନିୟୁଏଜ ପ୍ରକାଶନ।

୭. ମହାନ୍ତି, ବ୍ରହ୍ମୋତ୍ରୀ। ୨୦୧୦। କବିତା ସମଗ୍ର। ଭୁବନେଶ୍ୱର: ପଶ୍ଚିମା ପ୍ରକାଶନ।

୮. ମହାନ୍ତି, ଅପର୍ଣ୍ଣା। ୨୦୧୦। ଅପର୍ଣ୍ଣା ମହାନ୍ତିମାନଙ୍କପାଇଁ କବିତା। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୯. ରଥ, ରମାକାନ୍ତ। ୨୦୧୦। ଶ୍ରୀ ରାଧା। କଟକ: ଗ୍ରନ୍ଥମନ୍ଦିର।

୧୦. ପରିଡା, ରଂଜିତ କୁମାର। ୨୦୦୭। କବିପଣ ଓ ବିଚାର ଦୃଷ୍ଟି। କଟକ: ବିଜୟିନୀ ପ୍ରକାଶନୀ।

୧୧. ସାରଳା ସାହିତ୍ୟ ସଂସଦ। ୨୦୦୪। ସାମ୍ପ୍ରତିକ କବି ଓ କବିତା। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୧୨. ପାଣିଗ୍ରାହୀ ନଳିନୀ କୁମାର। ୨୦୧୧। କବିତାର ବାସ୍ନା କବିର ବିଭୋରତା। ଭୁବନେଶ୍ୱର: ଏଥେନା ବୁକ୍।

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© **Dr. Shusri Sangita Swain 2025**. The text of this article is open access and licensed under a Creative Commons Attribution 4.0 International License

## Cite this Article :

Swain, Shusri Sangita, Adhunika Odia Kabitaare Mun'twa Bhaba, Bageesha, Vol. No. 03, Issue No. 01, January-February 2025, Article No: BM2025/01-A001| Page- 09-12| DOI: https://doi.org/10.70541/BAGEESHA/2025030101